# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 June – 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାରଙ୍କର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନେଶ୍ୱରରେ ଆୟୋଜିତ ସଭାରେ ଆଉ କିଛି ସମୟ ପରେ ମୁଖ୍ୟଅତିଥି ରୂପେ ଯୋଗଦେବେ ପ୍ରଧାନମନ୍ତ୍ରୀ
- ଦେଶର କୋଣ-ଅନୁକୋଣରେ ଆସନ୍ତାକାଲି ପାଳନ କରାଯିବ ୧୧ତମ ଅନ୍ତର୍ଜାତୀୟ ଯୋଗଉତ୍ସବ
- ରାଜ୍ୟରେ ଗ୍ରୀଷ୍ମ ଅବକାଶ ପରେ ଆଜିଠାରୁ ଖୋଲିଲା ବିଦ୍ୟାଳୟ
- ଅଣସର ଘରେ ଗୁପ୍ତ ଚିକିତ୍ସା ଚାଲିଥିବା ଶ୍ରୀବିଗ୍ରହମାନଙ୍କର ଆଜି ଅନୁଷ୍ଠିତ ହେଉଛି ଚକାବିଜେ ନୀତି

ଏବଂ

- ଶରଣାର୍ଥୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି **ବିଶ୍ୱ ଶରଣାର୍ଥୀ ଦିବସ**

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିବା ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେବାପାଇଁ ଆଉ କିଛି ସମୟ ପରେ ଭୁବନେଶ୍ୱରରେ ପହଞ୍ଚିବେ। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ପ୍ରଧାନମନ୍ତ୍ରୀ ଜନତା ମଇଦାନ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ। ଏହି ଅବସରରେ ଶ୍ରୀ ମୋଦୀ ୧୮ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଆମ ଭୁବନେଶ୍ୱର ସମ୍ବାଦଦାତା **ଦୀପକ ବେହେରା**ଙ୍କ ରିପୋର୍ଟ...

**-V/O- (Deepak)**

ପ୍ରଧାନମନ୍ତ୍ରୀ ଏହି ଅବସରରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ କରିବେ। ଦେଶର ପ୍ରଥମ ଭାଷାଗତ ରାଜ୍ୟ ଭାବେ ୨୦୩୬ ମସିହାରେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ। ୨୦୪୭ ଭିଜନ ଡକ୍ୟୁମେଣ୍ଟ, ଯାହାକି ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଐତିହାସିକ ବିଷୟଗୁଡ଼ିକ ଉପରେ ଆଧାରିତ ତଥା ଦୃଷ୍ଟିକୋଣ ସମନ୍ୱିତ ଅଭିବୃଦ୍ଧି ପାଇଁ ଏକ ମହତ୍ୱାକାଂକ୍ଷୀ ଏବଂ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କାର୍ଯ୍ୟ ଖସଡାକୁ ଲୋକାର୍ପଣ କରିବେ।

# ଆନ୍ତର୍ଜାତିକ ଯୋଗ ଦିବସ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଏକଦଶତମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ କୋଣାର୍କ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିର ଅନୁଷ୍ଠିତ ହେବ । ବିଶାଖାପଟନମ୍ ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହାର ମୁଖ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି **"ଏକ ପୃଥିବୀ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ"** ।

ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗଦିବସ ପାଳନ କରାଯିବ। ଏଥିପାଇଁ ୧୪ଟି ଜିଲ୍ଲାରେ ୧୪ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହିବେ।

# ସ୍କୁଲ ଖୋଲିଲା

ଗ୍ରୀଷ୍ମ ଅବକାଶ ପରେ ଆଜିଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିଛି। ତେବେ ଝାଡ଼ାବାନ୍ତି ସଂକ୍ରମଣ ଯୋଗୁଁ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ସ୍କୁଲ ଖୋଲିବା ତାରିଖ ଅବଧିକୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଆଉ କିଛି ଦିନ ବୃଦ୍ଧି କରାଯାଇଛି। ଏହାଛଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କର ଆଜି ଭୁବନେଶ୍ୱର ଗସ୍ତକୁ ଦୃଷ୍ଟିରେ ରଖି କଟକ ଓ ଭୁବନେଶ୍ୱରରେ ସମସ୍ତ ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିଛି ।

ବିଦ୍ୟାଳୟ, ଛାତ୍ରାବାସ, ପରୀକ୍ଷାଗାର, ଶୌଚାଳୟ, ରୋଷେଇଘର, ଆଦି ପରିଷ୍କାର ରଖିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଧ୍ୟାନ ଦିଆଯାଇଛି। ଝାଡାବାନ୍ତି ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମାନର ମଧ୍ୟାହ୍ନ ଭୋଜନ ଏବଂ ଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଝାଡାବାନ୍ତି

ରାଜ୍ୟରେ ଝାଡାବାନ୍ତି ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। କଟକ ସହରରେ ଝାଡାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ପରିମଳ ସ୍ଥିତି ସହ ରାସ୍ତା କଡରେ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ୍ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ହାଇକୋର୍ଟ କଟକ ମହାନଗର ନିଗମ ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗକୁ ରିପୋର୍ଟ ମାଗିଛନ୍ତି। ଝାଡାବାନ୍ତି ଓ ହଇଜା ନିରାକରଣ ନେଇ ବିଭାଗ ପକ୍ଷରୁ କି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ମହାପ୍ରଭୁଙ୍କ ଚକାବିଜେ ନୀତି

**ପୁରୀ** ଶ୍ରୀମନ୍ଦିର ବଡ଼ଦେଉଳରେ ଅନବସର କ୍ରମରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ଚକାବିଜେ ନୀତି ଅନୁଷ୍ଠିତ ହେବ। ଅଣସର ପିଣ୍ଡିରେ ଶ୍ରୀଜୀଉଙ୍କୁ ଚକା ଉପରେ ବିଜେ କରାଯିବ। ଫୁଲୁରି ତେଲ ଓଷ ଲାଗି ହେବା ପରେ ଜ୍ୱରରେ ପୀଡିତ ମହାପ୍ରଭୁ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଏ ସମ୍ପର୍କରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ...

*ନିଳାଦ୍ରୀ ମହୋଦୟ ଶାସ୍ତ୍ର ଅନୁସାରେ, ଦଇତାପତି ସେବକମାନେ ମହାପ୍ରଭୁଙ୍କର ଅଣସରକାଳୀନ ଗୁପ୍ତନୀତି ସମ୍ପାଦନ କରୁଛନ୍ତି। ଶ୍ରୀଅଂଗରେ ଲାଗି ହେବା ପାଇଁ ବିଭିନ୍ନ ପ୍ରକାର ଚେରମୂଳୀରୁ ପ୍ରସ୍ତୁତ ଔଷଧ ଯୋଗାଇ ଦିଆଯାଉଛି। ବଡ଼ଓଡ଼ିଆ ମଠ ଫୁଲୁରି ତେଲ ଯୋଗାଉଥିବାବେଳେ ସୁଦ୍ଧସୁଆର ସେବକମାନେ ଓଷୁଅ ଯୋଗାଇ ଦେଉଛନ୍ତି। ଦଶମୀ ତିଥିରେ ବିଧିମୁତାବକ ଅଣସରରେ ଥିବା ଦାରୁବ୍ରହ୍ମଙ୍କର ଚକାବିଜେ କରିବା ସହ ଶ୍ରୀମନ୍ଦିରର ବୈଦ୍ୟ ଦଶମୂଳ ପ୍ରସ୍ତୁତ କରି ଗାରଦରେ ଦାଖଲ କରିବାର ପରମ୍ପରା ରହିଛି। ଶ୍ରୀମନ୍ଦିରର ରୋଷଘର ବନ୍ଦ ରହିଛି। ସୁଆର, ମହାସୁଆର ଧୋ-ପଖାଳ ସେବାୟତ ରୋଷଘରକୁ ପ୍ରବେଶ କରୁନାହାଁନ୍ତି। ପ୍ରଭୁ କେତେବେଳେ ସୁସ୍ଥ ହେବେ ସେ ନେଇ ରାଜନଅରକୁ ସମ୍ବାଦ ପଠାଯିବ। ସେଥିପାଇଁ ସମସ୍ତେ ଅପେକ୍ଷା କରିଛନ୍ତି। ତୁଳସୀ ବଦଳରେ ଶୁଷ୍କ ପୁଷ୍ପ ମହାପ୍ରଭୁଙ୍କୁ ଲାଗି ହେଉଛି। ଅନ୍ୟପକ୍ଷରେ, ଆଜି ଅଣସର ଦର୍ଶନର ଅଷ୍ଟମ*

*ଦିନ। ଅଣସରରେ ପ୍ରଭୁ ଚତୁର୍ଦ୍ଧା ମୂରତୀ ବିଜେ ହୋଇଥିବାରୁ ଭକ୍ତମାନେ ପୁରୀ ନିକଟସ୍ଥ ବ୍ରହ୍ମଗିରି ଯାଇ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରୁଛନ୍ତି। ଶ୍ରୀଅଲାରନାଥଙ୍କ ପୀଠରେ ପ୍ରଭୁଙ୍କୁ ତୁଳସୀ ଚନ୍ଦନ ଓ ପୁଷ୍ପରେ ୩ ଥର ବିଭିନ୍ନ ବେଶ କରାଯାଇଥାଏ। ଅନ୍ୟଦିନ ଅପେକ୍ଷା ଅଣସର ସମୟରେ ଲକ୍ଷାଧିକ ଭକ୍ତ ଶ୍ରୀଅଲାରନାଥଙ୍କ ପୀଠକୁ ଦର୍ଶନ ପାଇଁ ଆସିଥାନ୍ତି।*

***ମନସ୍ୱିନୀ ତ୍ରିପାଠୀ,*** ଆକାଶବାଣୀ ସମ୍ବାଦ ବିଭାଗ

## ବିକାଶମେଳା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବିକାଶ ମେଳା ଗଣଦୌଡ଼ **ରାୟଗଡ଼ା** ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ଓ ଅକ୍ଷୟ ଖୁମୁଣ୍ଟୁ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏନ୍‌ସିସି ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଜନତାଙ୍କୁ ଉତ୍ସାହିତ କରିଥିଲେ।

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ ପରିସରରେ ବିକାଶମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମେଳାରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଖୋର୍ଦ୍ଧା** ଜିଲ୍ଲା ସଦର ମହକୁମା ହାବେଳି ପଡିଆରେ ଗତ ୧୨ ତାରିଖରୁ ଚାଲିଥିବା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତିର ଉପଲବ୍ଧି ଏବଂ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ବିକାଶମେଳାର ଅଷ୍ଟମ ଦିନରେ ଗତକାଲି ରାଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ରାଜ୍ୟର ସମସ୍ତ ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତିର ପରୀକ୍ଷା, ଜରୁରୀକାଳୀନ ସମୟରେ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଆପତକାଳୀନ ସ୍ଥିତିର ମୁକାବିଲା କରିବା ହେଉଛି ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ । ଗତ ୧୮ ତାରିଖରେ ସମସ୍ତ ଜିଲ୍ଲାର ମୁଖ୍ୟାଳୟ ଏବଂ ସମସ୍ତ ବ୍ଲକ ଓ ପୌର ପରିଷଦ ସ୍ତରରେ ଏହି ଅଭ୍ୟାସ କରାଯାଇଥିବାବେଳେ ଗତକାଲି ରାଜ୍ୟର ସମସ୍ତ ୯୦୯ଟି ଯାକ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଥିଲା ।

## ବିଶ୍ୱ ଶରଣାର୍ଥୀ ଦିବସ

ଶରଣାର୍ଥୀମାନଙ୍କୁ ସମ୍ମାନିତ କରିବା ଏବଂ ସେମାନଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ ଆଜି ବିଶ୍ୱ ଶରଣାର୍ଥୀ ଦିବସ ପାଳନ କରାଯାଉଛି। ଶରଣାର୍ଥୀମାନଙ୍କ ସମସ୍ୟା ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇଥିବାରୁ ଏହାର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ ଚାଲିଛି। ଯୁଦ୍ଧ,

ଦାରିଦ୍ର୍ୟ ଏବଂ ଅନ୍ୟ କାରଣଗୁଡ଼ିକରୁ ଶରଣାର୍ଥୀ ହୋଇଥିବା ଲୋକଙ୍କୁ ସେମାନଙ୍କର ଘରକୁ ଫେରାଇ ଆଣିବା ପାଇଁ ମିଳିତ ଜାତସଂଘ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ଶରଣାର୍ଥୀଙ୍କ ସମସ୍ୟାର ସମାଧାନ ନେଇ ମିଳିତ ଜାତିସଂଘ ପକ୍ଷରୁ 'ୟୁନାଇଟେଡ୍ ନେସନ୍ସ ହାଇ କମିଶନ ଫର ରିଫ୍ୟୁଜି' ନାମକ ଏକ ସଂସ୍ଥା ଗଠନ କରାଯାଇଛି। ଏହି ସଂସ୍ଥା ମାଧ୍ୟମରେ ଶରଣାର୍ଥୀମାନଙ୍କୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ନେଇ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି କରିବା ଦିଗରେ ଧ୍ୟାନ ଦେଇଥାଏ।

# ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

******************************